# Akashvani, Sambalpur

## SAMBALPURI NEWS MORNING BULLETIN

## 12 August 2026 - 6.47- 6.52 am.

---

ହର୍‌ଘର୍ ତ୍ରିରଙ୍ଗା          ଏକ୍ସ

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଫିଁ’ ଘରେ ତ୍ରିରଙ୍ଗା ଉଡ଼ାବାର୍‌କେ ଆହ୍ୱାନ୍ ଦେବାର୍ ସହେତେ ନାଗରିକ୍‌ମାନ୍‌କୁ ଗର୍ବ ଆଉ ଉସ୍‌ନାକିର୍ ସହେତେ ସ୍ୱାଧୀନତା ଦିବସ୍ ପାଳନ୍ କର୍‌ବାର୍‌କେ ଅନୁରୋଧ୍ କରିଛନ୍ । ସ୍ୱାଧୀନତା ସଂଗ୍ରାମୀମାନ୍‌କୁ ସମ୍ମାନ୍ ଜନାବାର୍ ସହେତେ ଗୁଟେ ବିକଶିତ୍ ଆଉ ସମୃଦ୍ଧ ଭାରତ୍ ଗଠନ୍ ଲାଗି ସମ୍‌କୁ ସଂକଳ୍ପ ନେବାର୍‌କେ ସେ ଆହ୍ୱାନ୍ ଦେଇଛନ୍ । ଫିଁ’ ବଛର୍ ସ୍ୱାଧୀନତା ଦିବସ୍‌କେ ନଜର୍‌ଥି ରଖିକରି ଇ ଅଭିଯାନ୍ ଜରିଏ ଦେଶ୍‌ବାସୀଙ୍କୁ ନିଜର୍ ଘର୍, କାର୍ଯ୍ୟାଳୟ ଆଉ ଭିନ୍ ଭିନ୍ ଅନୁଷ୍ଠାନ୍ ନ ଜାତୀୟ ପତାକା ଉଡ଼ାବାର୍‌କେ ଆହ୍ୱାନ୍ ଦିଆଯାଏସି ।

ରାଷ୍ଟ୍ରପତି          ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ୨୦୨୪-୨୫ ବଛର୍ ଲାଗି ଶହେ ୧୫ ଝନ୍ କଲାକାର୍ଙ୍କୁ ସଂଗୀତ୍ ନାଟକ୍ ଏକାଡେମୀ ପୁରସ୍କାର୍ ପ୍ରଦାନ୍ କର୍ବେ । କାର୍ଯ୍ୟକ୍ରମ୍ଥି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍ ଆଉ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ବିଜେତାମାନ୍କୁ ପୁରସ୍କାର୍ ରାଶି ବାବଦ୍ ୩ ଲାଖ୍ ଟଙ୍କା, ଅଙ୍ଗବସ୍ତ୍ର ଆଉ ତାମ୍ରପତ୍ର ଦିଆଯିବା ।

ରାଜ୍ୟ କେବିନେଟ୍          ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ ଲୋକସେବା ଭବନ୍ ନ ଆଏଜ୍ ରାଜ୍ୟ କେବିନେଟ୍ର ବୈଠକ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେବାର୍କେ ଥିବା ଇ ବୈଠକ୍ଥି ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍କେ ମଞ୍ଜୁରୀ ମିଲ୍ବାର୍ ସମ୍ଭାବନା ରହିଛେ । ବୈଠକ୍ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଅଲ୍ଗା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ରହେବେ ବଲି ଜନାପଡ଼ିଛେ ।

ଅର୍ଥ ବିଭାଗ୍ ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଅର୍ଥ ବିଭାଗ୍‌ର ସମୀକ୍ଷା କରିକରି ରାଜସ୍ୱ ଆଦାୟ ବ୍ୟବସ୍ଥାକେ ଆହୁରି ଦକ୍ଷ କର୍‌ବାର୍ ସହେତେ ପୁଞ୍ଜି ଆଉ କାର୍ଯ୍ୟକ୍ରମ୍ ବ୍ୟୟକେ ଆହୁରି ବଢ଼ାବାର୍ ଲାଗି ପରାମର୍ଶ ଦେଇଛନ୍ । ବୈଠକ୍‌ଥି ଉପସ୍ଥାପିତ୍ ତଥ୍ୟ ଅନ୍‌ସାରେ ଚଲ୍‌ତି ଆର୍ଥିକ୍ ବଛର୍ ଜୁଲାଇ ମାସ୍‌ତକ୍ ରାଜ୍ୟର୍ ରାଜସ୍ୱ ଆଦାୟ ୬୧ ହଜାର୍ ୫ ଶହ ୯୩ କୋଟି ରହିଛେ । ଯେନ୍‌ଟା ଗଲାବଛର୍ ତୁଲ୍‌ନାଥି ୭ ଦଶ୍‌ମିକ୍ ୩ ପ୍ରତିଶତ୍ ଅଏତ୍‌କା ଆଏ । ରାଜ୍ୟର୍ ସାମଗ୍ରିକ୍ ବିକାଶ୍ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଭିତିଭୂମି କ୍ଷେତ୍ରଥି ବ୍ୟାପକ୍ ବିନିଯୋଗ୍‌ର ଆବଶ୍ୟକତା ଅଛେ ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହେବାର୍ ସହେତେ ରାଜସ୍ୱ ଆଦାୟକେ ଅଏତ୍‌କା ଦକ୍ଷ କର୍‌ବାର୍‌କେ ସବୁ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

କୃଷ୍ଣଚନ୍ଦ୍ର ପାତ୍ର ଆଇ ଆଣ୍ଡ୍ ପି.ଆର୍

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ୨ ଦିନିଆ ନୂଆଦିଲ୍ଲୀ ଗସ୍ତ ଅବ୍ସରେ ଗଲାକାଏଲ୍ କେନ୍ଦ୍ର ଖାଉଟି ବ୍ୟାପାର୍, ଖାଦ୍ୟ ଆଉ ସାଧାରଣ୍ ବଂଟନ୍ ମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀଙ୍କୁ ଭେଟିକରି ରାଜ୍ୟ ସ୍ୱାର୍ଥ ସମ୍ବଳିତ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ ଆଲୋଚନା କରିଛନ୍ । ଇ ସମିଆଥି ଶ୍ରୀ ପାତ୍ର ରାଏଜେ ଚାଲୁଥିବା ଖରିଫ୍ ଧାନ୍ ଘିନା ପ୍ରକ୍ରିୟା ଜାରି ରହିଥିବାର୍ ବାବ୍ଦେ କେନ୍ଦ୍ରମନ୍ତ୍ରୀଙ୍କୁ ଜନେଇଥିଲେ । ଇ ଅବ୍ସରେ ଦୁହେଁ ଧାନ୍ ଘିନା ପ୍ରକ୍ରିୟାକେ ବରକସ୍ କର୍ବାର୍, ଖାଦ୍ୟଶସ୍ୟର୍ ସୁପରିଚାଳନା, ଗୁଦାମ୍ ଘର୍ ଆଉ ସାଧାରଣ୍ ବଂଟନ୍ ଜରିଏ ଚାଉଲ୍ର ସଠିକ୍ ବଂଟନ୍ ବାବ୍ଦେ ଆଲୋଚନା କରିଥିଲେ ।

ମୁଖ୍ୟ ଶାସନ୍ ସଚିବ -ବୈଠକ୍      ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ମାନକିକରଣ୍ ଉପ୍ରେ ଓଡ଼ିଶା ରାଜ୍ୟସ୍ତରୀୟ କମିଟି ବୈଠକ୍ ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ହେଇଯାଇଛେ । ବୈଠକ୍ଥି

ରାଜ୍ୟ ସର୍କାର୍ ଆଉ ଭାରତୀୟ ମାନକ ବ୍ୟୁରୋ-ବିଆଇଏସ୍‌ଙ୍କର୍ ମିଲିତ୍ ଚେଷ୍ଟାଥି ରାଜ୍ୟର୍ ଭିନ୍ ଭିନ୍ କ୍ଷେତ୍ର ନ ମାନକିକରଣ୍, ଗୁଣବତା ସୁନିଶ୍ଚିତ୍ କର୍‌ବାର୍ ଆଉ ଉପଭୋକ୍ତା ସୁରକ୍ଷାକେ ବର୍‌କସ୍ କର୍‌ବାର୍ ଲାଗି ନିଆଯାଉଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ସମୀକ୍ଷା ଆଉ ଆଲୋଚନା କରାଯାଇଥିଲା ।

ଚିତାଲାଗି ଅମାବାସ୍ୟା           ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଶ୍ରାବଣ୍ ମାସର୍ ଅନ୍ଧାର୍ ପଖର୍ ଉଆଁସ୍ ତିଥି ନ ଆଏଜ୍ ମାହାପୁରୁମାନ୍‌କର୍ ଚିତାଲାଗି ନୀତି କରାଯିବା । ଇଥିର୍‌ଲାଗି ପହେଲା ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ଦୁଇପହରର୍ ୨ବଜେ ନୁ ସଞ୍ଜର୍ ୭ ବଜେତକ୍ ୫ ଘଂଟା ଲାଗି ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଏଡ୍             ଆର୍‌ଏନ୍‌ୟୁ/ ସମ୍ବଲପୁର

୨ ବର୍ଷିଆ ବିଏଡ୍, ଏମ୍ଏଡ୍ ଆଉ ବିଏଚ୍ଏଡ୍ ପାଠ୍ୟକ୍ରମ୍ ଥି ନାଁଲେଖା ଲାଗି ପହେଲା ମେଧା ତାଲିକା ସାମ୍ସ ପୋର୍ଟାଲ୍ଥି ବାହାରିଛେ । ଇ ତିନ୍ହି ପାଠ୍ୟକ୍ରମ୍ଥି ନାଁଲେଖାବାର୍ ଲାଗି ୪୪ ହଜାର୍ ୨ ଶହ ୨୨ ଝନ୍ ଛାତ୍ରଛାତ୍ରୀ ଚଏସ୍ ଲକିଂ କରିଥିବାର୍ ବେଲେ ପହେଲା ମେଧା ତାଲିକାଥି ୨ ହଜାର୍ ୮ ଶହ ୨୫ ଝନ୍ ଛାତ୍ରଛାତ୍ରୀଙ୍କର୍ ନାଁ ବାହାରିଛେ । ଫ୍ରିଜ୍ ବିକଳ୍ପ ବାଛୁଥିବା ଛାତ୍ରଛାତ୍ରୀମାନେ ଅନ୍ଲାଇନ୍ ଜରିଏ ଏଡ଼ମିଶନ୍ ଫିସ୍ ଜମା କରିକରି ଆଏବା ୧୪ ତାରିଖ୍ତକ୍ ସମ୍ପୃକ୍ତ ଉଚ୍ଚଶିକ୍ଷାନୁଷ୍ଠାନ୍କେ ଯାଇକରି ନାଁଲେଖେଇ ପାର୍ବେ ।

ବିଶ୍ୱ ଯୁବ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

'ଭିନ୍ ଭିନ୍ ପ୍ରସଙ୍ଗ, ସାଧାରଣ୍ ଆକାଂକ୍ଷା' ବାର୍ତା ନେଇକରି ସାରା ପୁର୍ଥି ନ ଆଏଜ୍ ଅନ୍ତର୍ଜାତୀୟ ଯୁବ ଦିବସ୍ ପାଲନ୍ କରାଯାଉଛେ । ମିଲିତ୍ ଜାତିସଂଘର୍ ବିଶ୍ୱ ଯୁବ ଫୋରମ୍ର ଗୁଟେ ବୈଠକ୍ର ପ୍ରସ୍ତାବ୍ ଅନ୍ସାରେ ୧୯୯୧ ମସିହାନୁ ଅନ୍ତର୍ଜାତୀୟ ଯୁବ ଦିବସ୍ ପାଲନ୍ କରାଯାଉଛେ । ସର୍କାର୍ ଆର୍ ଅନ୍ତର୍ଜାତୀୟ ସଂଗଠନ୍ମାନ୍କର୍

ତର୍ଫୁ ଯୁଆନ୍ ପିଢ଼ିକେ ସାମିଲ୍ କର୍ବାର୍ ଉପ୍ରେ ଜୋର୍ ଦେବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଆସୁଛେ ।

ହର୍ଘର୍ ତ୍ରିରଙ୍ଗା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ତର୍ଫୁ ଗଲାକାଏଲ୍ ହର୍ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ କରାଯାଇଥିଲା । ଇ ଅବ୍ସରେ ହେଇଥିବା ଗୁଟେ ବିଶାଲ୍ ତ୍ରିରଙ୍ଗା ଶୋଭାଯାତ୍ରାଥି ନୂଆପଡ଼ା ବିଧାୟକ୍ ଜୟ ଢୋଲ୍କିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ଫୁଟ୍ବଲ୍ ନୂଆପଡ଼ା ସମ୍ବାଦଦାତା

ଖଡ଼ିଆଲ୍ ରାଜା ଆର୍ତତ୍ରାଣ ଖେଲ୍ପଡ଼ିଆ ଠାନେ ୧୭ ନମ୍ବର୍ ରାଜା ଅନୁପ୍ ସିଂହଦେଓ ମେମୋରିଆଲ୍ ଫୁଟ୍ବଲ୍ର ୪ ନମ୍ବର୍ ଦିନେ କଂଟାବାଞ୍ଜି ଆଉ ଖଡ଼ିଆଲ୍ ଭିତ୍ରେ ମେଚ୍ ହେଇଥିଲା । ଯେନ୍ଥି କଂଟାବାଞ୍ଜି ଦଲ୍ ୨-୧ ଗୋଲ୍ଥି ଖଡ଼ିଆଲ୍ ଦଲ୍କେ ହରେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ହେଇଥିବା ଘୂର୍ଣ୍ଣିବଳୟ ଆଏଜ୍ ଲଘୁଚାପ୍ କ୍ଷେତ୍ରଥି ବଦ୍‌ଲିବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ଅନୁଗୁଲ୍ ଆଉ କେନ୍ଦୁଝର୍ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ସମିଆ ଭିତ୍‌ରେ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍ ସୁନ୍ଦର୍‌ଗଡ଼୍ ସହେତେ ୧୫ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।